30 YEARS SAMBAD
ସମ୍ବାଦ ସୋମବାର, ୨୦ ଜୁଲାଇ ୨୦୧୫,

# ଆଜି ଉଦ୍‌ଘାଟିତ ହେବ ଆଇଆଇଟି ଅଧା କ୍ୟାମ୍ପସ୍

ଭୁବନେଶ୍ୱର,୧୯।୭(ଇମିସ): ଭୁବନେଶ୍ୱର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି) କ୍ୟାମ୍ପସ ସ୍ଥାନାନ୍ତର ପ୍ରକ୍ରିୟା ଗତକାଲିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୬୦୦ ଛାତ୍ରଛାତ୍ରୀଙ୍କୁ ନୂତନ କ୍ୟାମ୍ପସ୍‌କୁ ନିଆଯାଇଥିବା ବେଳେ ଆସନ୍ତାକାଲି ଏହି କ୍ୟାମ୍ପସ୍‌କୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରାଯିବ। ପୂର୍ବାହ୍ନ ୧୧ଟା ୩୦ରେ ଆଇଆଇଟି ବୋର୍ଡ ଅଫ୍ ଗଭର୍ନାନ୍ସ ଅଧ୍ୟକ୍ଷ ଏ.କେ. ରୁଙ୍ଗଟା ମୁଖ୍ୟଅତିଥିଭାବେ ଯୋଗଦେବେ। ଏହି ଅବସରରେ କ୍ୟାମ୍ପସ୍ ପରିସରରେ ଛାତ୍ରଛାତ୍ରୀଙ୍କ ଲାଗି ହୋଇଥିବା ଦୁଇଟି ହଷ୍ଟେଲ ଏବଂ ୬୦ଟି ଷ୍ଟାଫ୍ କ୍ୱାଟର ଉଦ୍‌ଘାଟିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାନୁଷ୍ଠାନର ସମସ୍ତ ପ୍ରଫେସରଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ରହିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ଗତ ଏପ୍ରିଲ ମାସଠାରୁ ଆଇଆଇଟି ନିର୍ଦ୍ଦେଶକଭାବେ ପ୍ରଫେସର ଆର ଭି ରାଜକୁମାର ପିଲାଙ୍କ ସହ କୌଣସି ବିଷୟରେ ଆଲୋଚନା କରିପାରିନାହାନ୍ତି। ଏହାକୁ ନେଇ ସେ ଶିକ୍ଷାନୁଷ୍ଠାନ ୱେବସାଇଟ୍‌ରେ ଛାତ୍ରଛାତ୍ରୀଙ୍କ ଲାଗି ଏକ ବାର୍ତ୍ତା ଦେଇଛନ୍ତି। ଯେଉଁଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ବହୁ ବର୍ଷର ପ୍ରତୀକ୍ଷାର ଅନ୍ତ ହୋଇଛି। ଉଦ୍‌ଘାଟିତ ହେବାକୁ ଯାଉଛି ଶିକ୍ଷାନୁଷ୍ଠାନର ନୂତନ କ୍ୟାମ୍ପସ। ଏହି କ୍ୟାମ୍ପସ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବାକୁ ଅଧ୍ୟାପକ, ପ୍ରଫେସର ଏବଂ ନନ୍ ଟିଚିଂ କର୍ମଚାରୀମାନେ ଦିନରାତି ଏକ କରିଦେଇଛନ୍ତି। ଫଳସ୍ୱରୂପ କ୍ୟାମ୍ପସର କିଛି କାର୍ଯ୍ୟ ଶେଷ ହୋଇଛି। ଯାହାବି କିଛି ବାକି ରହିଛି ତାହା କିଭଳିଭାବେ ଶୀଘ୍ର ଶେଷ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇ କାର୍ଯ୍ୟ କରାଯାଉଛି। ଚଳିତ ଶିକ୍ଷାବର୍ଷର କ୍ଲାସ ଆରମ୍ଭ ହେବା ପରେ ଛାତ୍ରଛାତ୍ରୀଙ୍କ ସହ ସ୍ୱତନ୍ତ୍ରଭାବେ ଆଲୋଚନା କରିବି ବୋଲି ପ୍ରଫେସର ରାଜକୁମାର ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି।